ପ୍ରେସ ନୋଟ୍

## ୩ଟି ବସ୍‌ରେ ୬୫ ଜଣ ଶ୍ରମିକଂକୁ ଝାରଖଣ୍ଡ ପଠାଗଲା ।

ଅନୁଗୋଳ ୭.୫ :- ବାହାର ରାଜ୍ୟରୁ ଆମ ଜିଲ୍ଲାରେ ଥିବା ଶ୍ରମିକମାନଂକୁ ଜିଲ୍ଲା ପ୍ରଶାସନ ତରଫରୁ ସେମାନଂକ ରାଜ୍ୟକୁ ପଠାଯିବାର ପ୍ରକ୍ରୀୟା ଚାଲୁ ରହିଛି । ଆଜି ୩ଟି ବସ୍‌ରେ ଝାରଖଣ୍ଡର ୬୫ ଜଣ ଶ୍ରମିକଂକୁ ସେମାନଂକ ରାଜ୍ୟକୁ ପଠାଇ ଦିଆଯାଇଛି । ନିଜେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଓ କୋଭିଡ-୧୯ର ନୋଡାଲ ଅଫିସର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟଂକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶ୍ରମିକମାନଂକୁ ୩ଟି ବସ୍‌ରେ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ପଠାଯାଇଛି । ସରକାରଂକ ନିୟମାବଳୀକୁ ଅନୁସରଣ କରି ବସ ମଧ୍ୟରେ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଶ୍ରମିକମାନଂକୁ ସିଟ୍‌ରେ ବସାଯିବା ସହ ସମସ୍ତଂକୁ ଜିଲ୍ଲା ପ୍ରଶାସନ ତରଫରୁ ଖାଦ୍ୟ ପୁଡିଆ ପ୍ରଦାନ କରାଯାଇଛି । ଶ୍ରମିକମାନଂକୁ ପ୍ରତ୍ୟେକ ଦିନ ବ୍ୟବସ୍ଥିତ ଓ ସୁରକ୍ଷିତ ଭାବରେ ପଠାଯିବା ପାଇଁ ସମସ୍ତ ପ୍ରକାର ସୁବିଧା ଉପଲବଧ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଏହାଛଡା ସରକାରଂକ ନିୟମାବଳୀ ଓ ରୁଟ୍ ଚାଟ୍ ସମ୍ପର୍କରେ ବସ ଚାଳକମାନଂକୁ ସେ ଅବଗତ କରିଥିଲେ । ଏହି ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ନିମନ୍ତେ ନିୟୋଜିତ ସହକାରୀ ନୋଡାଲ ଅଫିସର ଭାବେ ଏମ୍ ସି ଏଲର ଭୂ-ଅର୍ଜନ ଅଧିକାରୀ ଶ୍ରୀ ରତନ କୁମାର ଆଚାର୍ଯ୍ୟ,ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସୁବ୍ରତ କୁମାର ବେହେରା ଓ ଅନୁଗୋଳ ଅତିରିକ୍ତ ତହସିଲଦାର ଶ୍ରୀ ସୁଦର୍ଶନ ଗୁରୁ ପ୍ରମୁଖ ଉପସ୍ଥିତ ରହି ଶ୍ରମିକମାନଂକୁ ବ୍ୟବସ୍ଥିତ ଭାବେ ପଠାଇବାରେ ସହଯୋଗ କରିଥିଲେ ।

## ଭ୍ରମ ସଂଶୋଧନ ।

ଗତକାଲି ବ୍ୟାଂକ ସମୁହର ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟିର ସ୍ୱତନ୍ତ୍ର ବୈଠକର ପ୍ରେସ ରିଲିଜରେ ବ୍ୟାଂକ ଖୋଲିବା ସମୟ ସକାଳ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ଲେଖାଯାଇଥିଲା ଯାହାକି ଏକ ଅନିଛାକୃତ ତ୍ରୁଟି ବୋଲି ଏଲ୍ ଡି ଏମ୍ ଶ୍ରୀ ମହେଶ୍ୱର ଗୌଡ ପ୍ରକାଶ କରିଛନ୍ତି । ସମସ୍ତ ବ୍ୟାଂକ ସକାଳ ୮ ଘଟିକାରୁ ଦିନ ୨ଘଟିକା ପର୍ଯ୍ୟନ୍ତ ଖୋଲା ରହିବ ଓ ଗ୍ରାହକ ସେବା ସକାଳ ୮ ଘଟିକାରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ଉପଲବଧ ହେବ ବୋଲି ସେ ପ୍ରକାଶ କରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୪୧ ତା.୭.୫.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।








WELCOME TO HOME
MANDIR
ओडिसा में फंसे बोकारो
विशेष यात्री


WELCOME TO HOME
MANDIR
ओडिसा में फंसे बोकारो
विशेष यात्री

